# ଓଡିଶା ସରକାର

# ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

*********

## ଅଧିସୂଚନା

**FileNo. COL/JAJ/VIIL-42/2020/3318/LA/(Civil) dated.17.03.2022**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ-୫ (ନୂତନ ଜାତୀୟ ରାଜପଥ-୧୬) ଠାରୁ ଅର୍ଦ୍ଧାଳୁଆ ରାସ୍ତାରେ ୧୪/୨୦୦ କି.ମି ଠାରୁ ୧୫/୫୦୦ କି.ମି ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ ସରକାର(Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ ନଂ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର, ଥାନା-ଯାଜପୁର ନଂ ୨୦୮, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ୧୦.୦୩୨ଡି ଭୂମି ଅର୍ଜନ ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR&R Act, ୨୦୧୩) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### <u>ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ</u>

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଜାତୀୟ ରାଜପଥ-୫ (ନୂତନ ଜାତୀୟ ରାଜପଥ-୧୬) ଠାରୁ ଅର୍ଦ୍ଧାଳୁଆ ରାସ୍ତାରେ ୧୪/୨୦୦ କି.ମି ଠାରୁ ୧୫/୫୦୦ କି.ମି ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥା ର ନାମ- ଅଧିକ୍ଷଣ ଯନ୍ତ୍ରୀ, (ରାସ୍ତା ଏବଂ ଗୃହ), ପାଣିକୋଇଲି ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ-୫ (ନୂତନ ଜାତୀୟ ରାଜପଥ-୧୬) ଠାରୁ ଅର୍ଦ୍ଧାଳୁଆ ରାସ୍ତାରେ ୧୪/୨୦୦ କି.ମି ଠାରୁ ୧୫/୫୦୦ କି.ମି ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୧୭୪୩/୨୦.୦୧.୨୦୨୨ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଯାଜପୁର ।

୬-ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ -୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୦.୧୧୯ | ଏ.୦.୦୩୨ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜିଲ୍ଲା: ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟା ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର(ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ସ୍ଵା/-ଜିଲ୍ଲାପାଳ, ଯାଜପୁର**

<u>ଭୂମି ଅନୁସୂଚୀ</u>

ପ୍ରକଳ୍ପର ନାମ : ଜାତୀୟ ରାଜପଥ -୫ (ନୂତନ ଜାତୀୟ ରାଜପଥ-୧୬) ଠାରୁ ଅର୍ଦ୍ଧାଳୁଆ ରାସ୍ତାରେ ୧୪/୨୦୦ କିମି ଠାରୁ ୧୫/୫୦୦ କିମି ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ

ମୌଜା: ୟୁନିଟ ନଂ-୯ ଇନ୍ଦ୍ରଆଖଣ୍ଡଳେଶ୍ୱର ନଗର, ଥାନା ନଂ-୨୦୮, ଥାନା/ତହସିଲ/ଜିଲ୍ଲା- ଯାଜପୁର

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗୃହିତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୫୨୧ | ୨୮ | ୦.୦୯୦ | ୦.୦୦୩ | ଘରବାରୀ ଦୁଇ | ନାଭ ସେଠି ପି: ଗୌର ସେଠି ଜା: ଧୋବା ବା: ନିଜଙ୍ଗା | |
| ୨ | ୫୩୫ | ୧୯୯ | ୦.୦୨୯ | ୦.୦୨୯ | ଘରବାରୀ ଏକ | ବାଉରୀ ବନ୍ଧୁ ପାଣି ପି:ବାଳକୃଷ୍ଣ ପାଣି, ଚତୃଭୂଜ ପାଣି ଲୋକନାଥ ପାଣି କୈଳାସ ଚନ୍ଦ୍ର ପାଣି ଉମାକାନ୍ତ ପାଣି ରମାସୁନ୍ଦରୀ ପାଣି ଅନୁସୟା ପାଣି ହେମଲତା ପାଣି ପି:ବାଉରୀ ବନ୍ଧୁ ପାଣି ଜା:ବ୍ରାହ୍ମଣ ବା: ରାଜପୁର | |
| | | | ମୋଟ | ଏ୦.୦୩୨ | | | |

**ସ୍ଵା/- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**